# Akashvani, Sambalpur

# SAMBALPURI NEWS BULLETIN

## 24 September 2024- 6.47- 6.52 am.

**********************************************

ସ୍କୁଲ୍ ଛାତ୍ରଛାତ୍ରୀ- ଏକକ ପରିଚୟ ପତ୍ର   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସର୍କାରୀ ସ୍କୁଲ୍ ଛାତ୍ରଛାତ୍ରୀମାନ୍‌କୁ ସ୍ୱତନ୍ତ୍ର ଆଇଡେଂଟିଫିକେସନ୍ ନମ୍ବର୍ ମିଲ୍‌ବା । ଆଧାର୍ କାର୍ଡ଼ ବାଗିର୍ ଗୁଟେ ସ୍ୱତନ୍ତ୍ର ଆଇ.ଡି. ତିଆର୍ କରାଯିବା । ଇଥି ସେମାନ୍‌କର୍ ଶିକ୍ଷାଗତ ଯୋଗ୍ୟତା ବାଗିର୍ ସବୁ ତଥ୍ୟ ରହେବା । ଯେନ୍‌ଥିର୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ଅଲ୍‌ଗା କେନ୍‌ସି ସ୍କୁଲ୍ ନ ପଢ଼୍‌ବାର୍‌କେ ସୁବିଧା ହେବା । ଛାତ୍ରଛାତ୍ରୀମାନ୍‌କର୍ ଲାଗି ଅଟୋମେଟେଡ଼୍ ପାର୍‌ମାନେଂଟ୍ ଏକାଡେମିକ୍ ଏକାଉଂଟ୍ ରେଜିଷ୍ଟ୍ରି - ଆପାର୍ ରହେବା ବଲି ସର୍କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇ ପଦ୍‌କ୍ଷେପ୍ ଅଧାନୁ ସ୍କୁଲ୍ ଛାଡୁଥିବା ଛାତ୍ରଛାତ୍ରୀମାନ୍‌କୁ ଚିହ୍ନଟ୍‌ଥି ପ୍ରମୁଖ ଭୂମିକା ନେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶିଶୁ ନିର୍ଯ୍ୟାତନା ଆର୍‌ଏନ୍‌ୟୁ /ସମ୍ବଲପୁର

ଛୁଆମାନ୍‌କର୍ ଉପ୍‌ରେ ପାଶବିକ ଅତ୍ୟାଚାର୍ ନେଇକରି ରାଜ୍ୟ ସର୍‌କାର୍ ଶୂନ୍ୟ ଶହନଶୀଲତା ନୀତି ଅନୁସରଣ୍ କର୍‌ବେ ବଲି ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଫଟିକ୍ କରାଯାଇଛେ । ଇ ବାବ୍‌ଦେ ସୁପ୍ରିମ୍‌କୋର୍ଟଙ୍କର୍ ରାୟକେ ରାଜ୍ୟ ସର୍‌କାର୍ ପୁରା ସମର୍ଥନ୍ ଜନାବାର୍ ସହେତେ ରାଏଜେ କେନ୍‌ସି ପ୍ରକାରର୍ ଶିଶୁ ଯୌନ ଶୋଷଣ୍‌କେ ବର୍‌ଦାସ୍ତ କରା ନାଇଁ ଯାଏ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।ସେନ୍ତା ଅସୁରକ୍ଷିତ ଛୁଆମାନ୍‌କର୍ ବିଷେଥି ଜାନ୍‌ଲେ ସାଙ୍ଗେସାଙ୍ଗ୍ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜନାବାର୍ ଲାଗି ଭିଲ୍ ନାଗରିକ୍‌ମାନ୍‌କୁ ଅନୁରୋଧ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରୋଟେକ୍ସନ୍ ଅଫ୍ ଚିଲ୍ଡରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ- ପୋକ୍‌ସୋ ଆଇନ୍‌ଥି ଶିଶୁ ଅଶ୍ଲିଳ ଭିଡ଼ିଓ ଦେଖିବାର୍, ଡାଉନ୍‌ଲୋଡ଼ କର୍‌ବାର୍ ସହେତେ ନିଜର୍ ପାଖେ ରଖିବାର୍‌କେ ସୁପ୍ରିମ୍‌କୋର୍ଟ ଗୁଟେ ଦଣ୍ଡନୀୟ ଅପରାଧ ବଲି ରାୟ ଆଉ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ ।

ବିକଶିତ ଭାରତ୍- ଭିଜନ୍ ଡକ୍ୟୁମେଂଟ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ବିକଶିତ ଭାରତ୍- ୨୦୪୭ ଲାଗି ଆର୍ ବିକଶିତ୍ ଓଡ଼ିଶା - ୨୦୩୬ ଲାଗି ମାର୍ଗଦର୍ଶିକା ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରାଯିବା । ଇଥିର୍‌ଲାଗି ରାଜ୍ୟସ୍ତରୀୟ ପରିଚାଳନା କମିଟିର୍ ପହେଲା ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଯାଇଛେ । କମିଟିର୍ ଅଧ୍ୟକ୍ଷ ଆଉ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା କହିଛନ୍ ଯେ, ଭିଜନ୍ ଡକ୍ୟୁମେଂଟ୍ ତିଆର୍ କର୍‌ବାର୍‌ଟା ଆମର୍ ଲାଗି ବଡ଼ ସୁଯୋଗ୍ ଆଏ । ଇ ଡକ୍ୟୁମେଂଟ୍‌କେ ସୁବ୍ୟବସ୍ଥିତ୍ କର୍‌ବାର୍ ଆଉ ଗୁଟେ ବାସ୍ତବ୍ ଦସ୍ତାବେଜ୍ କର୍‌ବାର୍ ଲାଗି ସବୁ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସହଯୋଗ୍ ଦର୍‌କାର୍ । ଉନ୍ନୟନ କମିଶନର୍ ଅନୁ ଗର୍ଗ ରାଏଜେ ସାମାଜିକ୍ ଆଉ ଅର୍ଥନୈତିକ ଆଉ ଭିନ୍ ଭିନ୍ ଅଂଚଲ୍‌ର ସନ୍ତୁଳିତ୍ ବିକାଶ୍‌କେ ନଜର୍‌ଥି ରଖିକରି ଭିଜନ୍ ଡକ୍ୟୁମେଂଟ୍‌ଥି ଦେଶ୍ ବିଦେଶର ଅନୁସରଣ୍ କରାଯାଉଥିବା ଉତମ୍ ଅଭ୍ୟାସ୍‌କେ ଅନୁସରଣ୍ କର୍‌ବାର୍ ଉପରେ କହିଥିଲେ ।

ଓଡ଼ିଶା ପୁଲିସ୍ ନିଯୁକ୍ତି    ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ପୁଲିସ୍‌ର ଭିନ୍ ଭିନ୍ ବାଟାଲିୟନ୍ ନ ଖାଲିଥିବା ୧ ହଜାର୍ ୩ ଶହ ୬୦ ଟା ସିପାହୀ ଆଉ କନେଷ୍ଟେବୁଲ୍ ଆର୍ ଶହେ ୭୭ ଟା କେଡ଼ର୍ କନିଷ୍ଠ କିରାଣୀ ପଦ୍‌ବୀ ପୂରଣ୍ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଚ୍ଛୁକ ଆଉ ଯୋଗ୍ୟ ପ୍ରାର୍ଥୀମାନେ ଓଡ଼ିଶା ପୁଲିସ୍‌ର ୱେବ୍‌ସାଇଟ୍ https;//odishapolice.gov.in ଥି ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍ ଆଉ ଆବେଦନ୍ କରିପାର୍‌ବେ ବଲି କୁହାଯାଇଛେ ।

ପୁଓଜିଉଁତିଆ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ ପାଲନ୍ କରୁଛନ୍ । ପୁଓ ମାନ୍‌କର୍ ମଙ୍ଗଲ୍‌କାମ୍‌ନା କରିକରି ମା ମାନେ ଇ ଉପାସ୍ କରୁଛନ୍ । ମା ମାନେ ନିର୍ଜଲା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା କର୍‌ସନ୍ । ଗାଁ କଲୋନୀ ଆର୍ ପଡ଼ା ମାନ୍‌କର୍ ଛକ୍ ଜାଗା ମାନ୍‌କେ ଇ ପୂଜାର୍ ଲାଗି ବେଦୀ ମାନ୍ ତିଆର୍ କରାଯାଇଛେ । ଆଏବା କାଏଲ୍ ସଖାଲେ ଗାଧିଲା ଉତ୍‌ରୁ ଘରେ ପୁଓ ମାନ୍‌କୁ ଶହେ ୮ ଦୁବ ବନ୍ଦେଇକରି ଜୁଁତିଆ ପିନ୍ଧାବେ । କପ୍‌ଡ଼ାଲତା ଆଉ

ପୂଜା ସାମଗ୍ରୀ ଘିଡ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ଗହଲିନୁ ନେଇକରି ସହର୍ ସବୁ ଜାଗା ନ ଗହଲ୍‌ଚହଲ୍ ହେଇଛେ ।

ସମଲେଶ୍ୱରୀ ମନ୍ଦିର୍- ଦଶ୍‌ହରା ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ପୀଠ ନ ଶାରଦୀୟ ଦଶ୍‌ହରା ଲାଗି ଆଏଜ୍ ମୁଳାଷ୍ଟମୀ ତିଥି ନ ୧୬ ଦିନିଆ ପୂଜା ମୁଲ୍ ହେଉଛେ । ଆଏବା ମାସର୍ ୨ ତାରିଖ୍ ବୁଧବାର୍ ଦିନ ମା ସମଲେଶ୍ୱରୀ ଧବଲ୍‌ମୁଖୀ ଆଉ ଗଙ୍ଗାଦର୍ଶନ୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ୩ ତାରିଖ୍ ଗୁରୁବାର୍ ନୁ ୯ ଦିନିଆ ଶାରଦୀୟ ପୂଜା ଆଉ ନବରାତ୍ରୀ ଦ୍ୱୀପ ପ୍ରଜ୍ୱଳନ ଆରମ୍ଭ୍ ହେବା । ଆଏବା ମାସର୍ ୧୨ ତାରିଖ୍ ଶନିବାର୍ ଦିନ ସମଲେଶ୍ୱରୀ ପୀଠ ନ ଦଶ୍‌ହରା ଆର୍ ରଣ୍‌ଜିତା ଉତ୍ସବ୍ ଆର୍ ୧୬ ତାରିଖ୍ କୁଆଁରପୂର୍ଣ୍ଣିମା, ଦେବୀଙ୍କର୍ ରାଜରାଜେଶ୍ୱରୀ ବେଶ ନୂଆଁ ଧ୍ୱଜା ଆରୋହଣ୍ ଆଉ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ୍ ହେବା ବଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ତରଫୁ କୁହାଯାଇଛେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇତାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ମିଲିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ । ନରେନ୍ଦ୍ର ମୋଦୀ ଆପ୍ ନାଇଁ ହେଲେ ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍‌ଲାଇନ୍‌ଥି ସନ୍ଦେଶ୍ ଦିଆଯାଇପାର୍‌ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍

କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଆଇଆଇଏମ୍ ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍‌ର ଭାରତୀୟ ପ୍ରବନ୍ଧନ୍ ସଂସ୍ଥାନ୍ ଆଇଆଇଏମ୍‌ର ୧୦ ନମ୍ବର୍ ପ୍ରତିଷ୍ଠା ଦିବସ୍ ଗଲାକାଏଲ୍ ପାଲନ୍ କରାଯାଇଥିଲା । ଦେଶର୍ ପହେଲା ଆଇଆଇଏମ୍ ଭାବେ ସମ୍ବଲ୍‌ପୁର୍ ନ ପହେଲାକରି ଏଆଇ - କୃତ୍ରିମ ବୁଦ୍ଧିମତା ବେଭାର୍ କରାଯାଇକରି ଶିକ୍ଷାଦାନ୍ ମୁଲ୍ ହେବା ବଲି ନିର୍ଦ୍ଦେଶକ ମହାଦେଓ ଯୟଶ୍ୱାଲ୍ କହିଛନ୍ । ସଂସ୍ଥାନ୍ ନ ଇଙ୍କୁବେସନ୍ ଜରିଏ ୬୦ ନୁ ଅଏତ୍‌କା ଷ୍ଟାର୍ଟଅପ୍‌ର ବିଶ୍ୱସ୍ତରୀୟ ଭିତିଭୂମି ତିଆର୍ କରାଯାଉଛେ ଆଉ ଇ ବଛର୍ ୩ ଟା ଉତ୍କର୍ଷତା କେନ୍ଦ୍ର କାମ୍ ମୁଲ୍ କର୍‌ବା ବଲି ସେ କହିଥିଲେ । କାର୍ଯ୍ୟକ୍ରମ୍‌ଥି ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଉଲେ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରିଥିଲେ ।